# Akashvani, Sambalpur

## SAMBALPURI NEWS EVENING BULLETIN

## 13 july 2026-7.02- 7.12 pm.

---

୧- ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଶେଷ୍ ଖେପେ ପୁହୁଁଚିଛେ ପ୍ରସ୍ତୁତି ।

- ଆଏବା କାଏଲ୍ ମାହାପୁରୁମାନ୍‌କର୍ ହେବା ନବଯୌବନ ଦର୍ଶନ୍ ।

୨- ଆଏବା ୧୯ ତାରିଖ୍ ଦିନ ହେବା ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଅଲଙ୍କାର୍‌ର ଗନ୍‌ତି କାମ୍ ।

୩- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ନିଯୁକ୍ତ ହେବାର୍‌କେ ଥିବା ୧୫ ଶହ ନୁ ଅଏତ୍‌କା ବୈଷୟିକ୍ ପଦ୍‌ବୀକେ ମିଲ୍‌ଲା ଅର୍ଥ ବିଭାଗ୍‌ର ମଞ୍ଜୁରୀ ।

ଆଉର୍

୪- ଶହେ ଦିନିଆ ଟିବିମୁକ୍ତ ଅଭିଯାନ୍‌ର ୨ ନମ୍ବର୍ ଖେପ୍‌ଥି ଓଡ଼ିଶା ନ ଆୟୋଜନ୍ ହେଇଛେ ୪ ହଜାର୍ ୪ ଶହ ୭୦ ଟା ସ୍ୱାସ୍ଥ୍ୟ ଶିବିର୍ ।

ଘଣାଲାଗି ନୀତି     ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଶ୍ରୀକ୍ଷେତ୍ର ପୁରୀ ନ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଆଏବା କାଏଲ୍ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ନବଯୌବନ ଦର୍ଶନ୍ ହେବା । ଆଏବା ବୁଧବାର୍ ଦିନ ଉଆଁସ୍ ଆଉ ରଥଯାତ୍ରା ଲାଗି ଖାସ୍ ନୀତିକାନ୍ତି ଥିବାର୍‌ନୁ ନବଯୌବନ୍ ଦର୍ଶନ୍‌କେ ଖୁବ୍ କମ୍ ସମିଆ ଲାଗି ରଖିବାର୍‌କେ ନିଷ୍ପତି ନିଆଯାଇଛେ । ଦୁଇପହରର୍ ୨ ବଜେନୁ ସାହାଣମେଲା ଦର୍ଶନ୍ ମୁଲ୍ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚନା ମିଳିଛେ ।

ଆଏଜ୍ ଅନବସର ତ୍ରୟୋଦଶୀ ତିଥି ଅବ୍‌ସରେ ମାହାପୁରୁମାନ୍‌କର୍ ଘଣାଲାଗି ନୀତି ଚାଲିଛେ । ଇଥିର୍‌ଲାଗି ଗଲାକାଏଲ୍‌ଠାନୁ ସୁନାର୍ କୁଆଁନୁ ୩ ଗରିଆ ପାଏନ୍ ଶୁଦ୍ଧ ସୁଆର୍‌ଙ୍କର୍ ଘରେ ବିଜେ ହେବାର୍ ଉତ୍‌ରୁ ଦିବ୍ୟପ୍ରଲେପ ଖଳି ଭିଲ୍ ପ୍ରସ୍ତୁତ୍ କରାଯାଇଛେ । ଆଏଜ୍ ମାହାପୁରୁମାନ୍‌କର୍ ଘଣାଲାଗି ଉତ୍‌ରୁ ସେହି ଖଳିକେ ଶୁଦ୍ଧ ସୁଆରଙ୍କର୍ ଘରୁ ଘଂଟଘଂଟା ଆଉ ପଟୁଆର୍‌ଥି ଶ୍ରୀମନ୍ଦିର୍‌କେ ବିଜେ କରାଯାଇଛେ । ତାର୍ ଉତ୍‌ରୁ ଖଳିଲାଗି ହେଇକରି ମହାପ୍ରଭୁଙ୍କର୍ ଶ୍ରୀମୁଖ ଓତା ପଡ଼୍‌ବା ।

ଇତାର୍‌ସହେତେ ଦଇତାପତି ସେବକ୍ ଶ୍ରୀଜୀଉଙ୍କର୍ ଶ୍ରୀପୟର ମୁଦା ନୀତି କର୍‌ବେ ।

ରଥଯାତ୍ରା ପ୍ରସ୍ତୁତି ପୁରୀ ସମ୍ବାଦଦାତା

ପୁରୀ ଠାନେ ଆଏବା ରଥଯାତ୍ରାର୍ ପ୍ରସ୍ତୁତିକେ ନେଇକରି ପୁଲିସ୍ ଆଉ ଅଲ୍‌ଗା ବିଭାଗ୍ ମାନ୍‌କର୍ ତର୍‌ଫୁ ମକ୍‌ଡ୍ରିଲ୍ କରାଯାଇଛେ । ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ୍ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କର୍ ଦେଖ୍‌ରେଖ୍‌ଥି ପୁଲିସ୍ ଲାଇନ୍ ପଡ଼ିଆ ଠାନେ ଇ ମକ୍‌ଡ୍ରିଲ୍ କରାଯାଇଛେ । ରଥଘିଚା ଆଉ ଇଥିର୍‌ଲାଗି ରହିଥିବା ସତର୍କତା ମୂଲକ୍ ପଦକ୍ଷେପ୍‌କେ ନଜର୍‌ଥି ରଖିକରି ପୁଲିସ୍ ତର୍‌ଫୁ ମକ୍‌ଡ୍ରିଲ୍ କରାଯାଇଥିଲା । ଗୁଣ୍ଡିଚା ମନ୍ଦିର୍ ପାଶେ ଅଗ୍ନିଶମ ବିଭାଗ୍ ତର୍‌ଫୁ ଖାସ୍ ପ୍ରସ୍ତୁତି କାର୍ଯ୍ୟକ୍ରମ୍ କରାଯାଇଛେ । ଭିଡ଼୍ ଭିତ୍‌ରେ ଅଣନିଶ୍ୱାସୀ ହେଉଥିବା ଭକ୍ତମାନ୍‌କୁ ଶୃଙ୍ଖଲିତ୍ ଭାବେ ବାହାର୍‌କେ ଆନ୍‌ବାର୍ ସହେତେ ଚିକିତ୍ସା ସେବା ଯୁଗେଇ ଦେବାର୍ ଲାଗି ପ୍ରସ୍ତୁତିମୂଲକ୍ କାର୍ଯ୍ୟକ୍ରମ୍ କରାଯାଇଛେ । ରଥଯାତ୍ରା ଅବ୍‌ସରେ ଭିନ୍ ଭିନ୍ ବନ୍ଧ୍ ଆର୍ ସମୁଦ୍ର ନ ସୁରକ୍ଷିତ୍ ଭାବେ ଗାଧିବାର୍‌କେ

ନେଇକରି ଭିଲ୍ ସମ୍ପୃକ୍ତ ବିଭାଗ୍ ତରଫୁ ଖାସ୍ ଧ୍ୟାନ୍ ଦିଆଯାଇଛେ । ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଆଉ ଭିନ୍ ଭିନ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ର ପ୍ରତିନିଧି ମାନେ ମକ୍‌ଡ୍ରିଲ୍‌ଥି ଭାଗ୍ ଦେଇଥିଲେ ।

ରଥଯାତ୍ରା ସୁରକ୍ଷା- ସମୀକ୍ଷା ପୁରୀ ସମ୍ବାଦଦାତା

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାଥି ଭକ୍ତମାନ୍‌କର୍ ସୁରକ୍ଷା ଆଉ ଭିନ୍ ଭିନ୍ ସୁବିଧାକେ ନେଇକରି ହେଇଥିବା ପ୍ରଶାସନିକ୍ ପ୍ରସ୍ତୁତିର୍ ମୁଖ୍ୟମନ୍ତ୍ରୀଙ୍କର୍ ପରାମର୍ଶଦାତା ପ୍ରକାଶ୍ ମିଶ୍ର ଆଏଜ୍ ସମୀକ୍ଷା କରିଛନ୍ । ଇତାର୍‌ସହେତେ ଶ୍ରୀମନ୍ଦିର୍‌କେ ଯାଇକରି ପଚିଦିଅଁଙ୍କୁ ଦର୍ଶନ୍ କର୍‌ବାର୍ ସହେତେ ମହାପ୍ରଭୁଙ୍କର୍ କୃପାନୁ ଚଲ୍‌ତି ବଛର୍ ରଥଯାତ୍ରା ଶୃଙ୍ଖଲିତ୍ ଭାବେ ଶେଷ୍ ହେବା ବଲି ଶ୍ରୀ ମିଶ୍ର କହିଛନ୍ ।

ରତ୍ନଭଣ୍ଡାର୍ ଅଲଙ୍କାର୍‌ର ଗନ୍‌ତି ଜଗନ୍ନାଥ୍ ମନ୍ଦିର୍ କାର୍ଯ୍ୟାଲୟ

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ର ଅଲଙ୍କାର୍ର ଗନ୍ତି କାମ୍ ଆଏବା ୧୯ ତାରିଖ୍ ଦିନ କରାଯିବା । ଇ ଗନ୍ତି କାମ୍ ରାଜ୍ୟ ସର୍କାର୍ଙ୍କର୍ ଅନୁମୋଦିତ ବ୍ୟବସ୍ଥାବଳୀ- ଏସ୍ଓପି ଅନ୍ସାରେ କରାଯିବା ବଲି ଶ୍ରୀଜଗନ୍ନାଥ୍ ମନ୍ଦିର୍ର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ସେ ଆହୁରି କହିଛନ୍, ଶ୍ରୀଜୀଉମାନ୍କର୍ ଶ୍ରୀଅଙ୍ଗଁଥି ବେଭାର୍ ହଉଥିବା ଆଉ ଦେବସ୍ନାନ ପୁନି ଅବ୍ସରେ ମାହାପୁରୁମାନ୍କର୍ ଦିହେ ଉଲାଗି ହେଇଥିବା ଅଲଙ୍କାର୍ ମାନ୍କର୍ ଗନ୍ତି ଇ ଦିନ କରାଯିବା । ଭିତର ରତ୍ନଭଣ୍ଡାର୍ଥି ବାକି ଅଲଙ୍କାର୍ ଆଉ ମୂଲ୍ୟବାନ୍ ଦରବ୍ ମାନ୍କର୍ ଗନ୍ତି କାମ୍ର ତାରିଖ୍ ଜନେଇ ଦିଆଯିବା ବଲି ମୁଖ୍ୟ ପ୍ରଶାସକ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମେ ୨୩ ତାରିଖ୍ନୁ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ଥି ଥିବା ଅଲଙ୍କାର୍ ଆଉ ଅଲ୍ଗା ମୂଲ୍ୟବାନ୍ ଦରବ୍ ମାନ୍କର୍ ଗନ୍ତି କାମ୍ ସ୍ଥଗିତ୍ ରହିଛେ ।

ବିଶ୍ୱ ଦକ୍ଷତା କେନ୍ଦ୍ର-ସମାବର୍ତ୍ତନ୍ ଉସ୍ବବ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର୍ ୭ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ ଆଏଜ୍ ପାଲିତ୍ ହେଇଯାଇଛେ । ଇଥି ଶିଳ୍ପ, ଦକ୍ଷତାବିକାଶ୍ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଯୋଗ୍ ଦେଇକରି କହିଛନ୍, ୨୦୩୬ ତକ୍ ସମୃଦ୍ଧ ଓଡ଼ିଶା ସପନ୍‌କେ ସାକାର୍ କର୍‌ବାର୍ ଆଉ ୨୦୪୭ ତକ୍ ବିକଶିତ୍ ଭାରତ୍‌ର ଜାତୀୟ ଲକ୍ଷ୍ୟ ହାସଲ୍ କର୍‌ବାର୍‌ଥି ଦକ୍ଷତା ବିକାଶ୍ ପ୍ରମୁଖ ସ୍ତମ୍ଭ ହେଇକରି ରହିଛେ । ଆଏବା ଦିନେ ନୂଆଁ ପ୍ରଯୁକ୍ତିବିଦ୍ୟା ଆଉ ଭବିଷ୍ୟତ୍‌ର ଶିଳ୍ପ ଜଗତ୍ ଲାଗି ଯୁବପିଢ଼ି ମାନ୍‌କୁ ତୟାର୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନେକ୍ସ ଜେନେରେସନ୍ ସ୍କିଲ୍‌ସ ଜୋର୍ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ । ଇ ସମାବର୍ତ୍ତନ୍ ଉତ୍ସବ୍‌ଥି ମୋଟ୍ ୫ ଶହ ୬ ଝନ୍ ଛାତ୍ରଛାତ୍ରୀଙ୍କୁ ପ୍ରମାଣ୍‌ପତ୍ର ଦିଆଯାଇଛେ ।

ଟିବି ମୁକ୍ତ ଅଭିଯାନ ଆଇ.ଆଣ୍ଡ୍.ପି.ଆର୍

ଦେଶ୍‌କେ ଟିବି ମୁକ୍ତ କର୍‌ବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଇଥିବା ଶହେ ଦିନିଆ ଟିବି ମୁକ୍ତ ଅଭିଯାନ୍‌ର ୨ ନମ୍ବର୍ ଖେପ୍ ଓଡ଼ିଶା ନ ସଫଲତାର୍ ସହେତେ ଶେଷ୍

ହେଇଛେ । ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ଗଲା ମାର୍ଚ୍ଚ ୨୪ ତାରିଖ୍‌ନୁ ଗଲା ୫ ତାରିଖ୍‌ତକ୍ ଇ ଅଭିଯାନ୍ ଚାଲିଥିଲା । ଇ ଅଭିଯାନ୍ ଅଧୀନ୍‌ଥି ରାଜ୍ୟର୍ ସହରାଂଚଲ୍ ଆଉ ଦୁର୍ଗମ୍ ଇଲାକା ନ ୪ ହଜାର୍ ୪ ଶହ ୭୦ ଟା ସ୍ୱାସ୍ଥ୍ୟ ଶିବିର୍ ଆୟୋଜନ୍ କରାଯାଇଥିଲା । ଇଥି ୩ ଲାଖ୍ ୪୪ ହଜାର୍‌ନୁ ଅଏତ୍‌କା ଲୋକ୍ ଭାଗ୍ ନେଇଥିଲେ ।

ବୈଷୟିକ୍ ପଦ୍‌ବୀ ନିଯୁକ୍ତି-ସ୍ୱାସ୍ଥ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସାଧାରଣ୍ ଲୁକ୍‌କୁ ଉନ୍ନତ୍ ମାନର୍ ଚିକିତ୍ସା ସୁବିଧା ଯୁଗେଇ ଦେବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ବହୁତ୍ ସଂଖ୍ୟାଥି ନୂଆଁ ବୈଷୟିକ୍ ପଦ୍‌ବୀ ମାନ୍‌କେ ନିଯୁକ୍ତ କର୍‌ବାର୍ ଲାଗି ପ୍ରକ୍ରିୟା ମୁଲ୍ କରାଯାଇଛେ । ଉଷୋ ଖୁଆବାର୍ ଆର୍ ବାଂଟ୍‌ବାର୍ ବ୍ୟବସ୍ଥା ଲାଗି ୧୧ ଶହ ୮ ଝନ୍ ଫାର୍ମସିଷ୍ଟ୍ ଅଧିକାରୀ, ୨ ଶହ ୩୮ ଝନ୍ ଅପ୍‌ଥାଲ୍‌ମିକ୍ ଅଧିକାରୀ, ୩ ଶହ ୮୦ ଝନ୍ ମେଡ଼ିକାଲ୍ ଲେବ୍ ଟେକ୍ନିସିଆନ୍ ପଦ୍‌ବୀଥି ନିଯୁକ୍ତି ଲାଗି ଅର୍ଥ ବିଭାଗ୍ ତର୍ଫୁ ମଞ୍ଜୁରୀ ମିଳିଛେ । ଇ ବାବ୍‌ଦେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍,

ହାସ୍ପାତାଲ୍ ମାନ୍କେ କର୍ମଚାରୀମାନ୍କର୍ ଅଭାବ୍ ଦୂର୍ କର୍ବାର୍ ଆଉ ରୋଗୀମାନ୍କର୍ କେନ୍ସି ଅସୁବିଧାଥି ସ୍ୱାସ୍ଥ୍ୟସେବା ଯୁଗେଇଦେବାର୍ଟା ସର୍କାର୍ଙ୍କର୍ ମୁଲ୍ ଲକ୍ଷ୍ୟ ଆଏ । ଇ ସବୁ ପଦ୍ବୀ ଆଏବା ଦିନେ ନିୟମିତ୍ ପ୍ରକ୍ରିୟା ଜରିଏ ସ୍ୱଚ୍ଛତାର୍ ସହେତେ ପୁରା କରାଯିବା ବଲି ମନ୍ତ୍ରୀ କହିଛନ୍ ।

କୋଭିଡ୍ -୧୯ ଆର୍ଏନ୍ୟୁ/ କଟକ୍

ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ୍ ନ କୋଭିଡ୍- ୧୯ ର ଇହାଦେର୍ ପ୍ରାଦୁଭାବ୍କେ ନଜର୍ଥି ରଖିକରି ସୀମ୍ନା ଇଲାକା ମାନ୍କର୍ ଲାଗି ସର୍କାର୍ ଖାସ୍ ସତର୍କତା ମୂଲକ୍ ପଦକ୍ଷେପ୍ ନେଇଛନ୍ । ସୀମ୍ନା ଜିଲ୍ଲା ମାନ୍କେ ସନ୍ଧିଗ୍ଧ କୋଭିଡ୍ ସଂକ୍ରମଣ୍ ଉପ୍ରେ କଡ଼ା ନଜର୍ ରଖାଯାଇଛେ । ଆଏବା ରଥଯାତ୍ରାକେ ନଜରଥି ରଖିକରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ହାଇଆଲର୍ଟ ଜାରି କରାଯାଇଛେ । ସବୁ ଦର୍କାରୀ ସତର୍କତା ମୂଲକ୍ ପଦକ୍ଷେପ୍କେ କଡ଼ାକଡ଼ି ଭାବେ ମାନ୍ବାର୍କେ ସ୍ୱାସ୍ଥ୍ୟ ବିଭାଗ୍ର ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ରବୀନ୍ଦ୍ର ନାଥ ମିଶ୍ର ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍, ଆନ୍ଧ୍ରପ୍ରଦେଶ୍ ସୀମ୍‌ନାକେ ଲାଗିକରି ଥିବା ରାଜ୍ୟ ସବୁ ଜିଲ୍ଲାର୍ ମୁଖ୍ୟ ଚିକିତ୍ସାଧିକାରୀମାନ୍‌କୁ ଇଥିର୍‌ଲାଗି ଖାସ୍ ନିର୍ଦ୍ଦେଶ୍ ଜାରି କରାଯାଇଛେ । ସନ୍ଦିଗ୍ଧ ରୋଗୀମାନ୍‌କର୍ ଜିଲ୍ଲା ମୁଖ୍ୟାଳୟ ଡାକ୍ତର୍‌ଖାନା ନ ବାଧ୍ୟତାମୂଳକ୍ ପରୀକ୍ଷା କରାବାର୍‌କେ ପରାମର୍ଶ ଦିଆଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍ ଦେଇଥିବା ସୂଚ୍‌ନା ଅନସାରେ ରାଏଜେ କୋଭିଡ୍ -୧୯ ସଂକ୍ରମଣ୍ କମିଥିଲେ ଭିଲ୍ ନିରୀକ୍ଷଣ୍ ବ୍ୟବସ୍ଥା ସବୁବେଲେ ଚାଲିଛେ । ସନ୍ଦିଗ୍ଧଙ୍କର୍ ନିୟମିତ୍ ପରୀକ୍ଷା କରାଯିବାର୍ ସହେତେ ପଡ଼ୋଶୀ ରାଜ୍ୟ ମାନ୍‌କେ ସଂକ୍ରମଣ୍‌ର ଥିତି ଉପ୍‌ରେ ସର୍‌କାର୍ କଡ଼ା ନଜର୍ ରଖିଛନ୍ । ଆନ୍ଧ୍ରପ୍ରଦେଶ୍ ନ କୋଭିଡ୍- ୧୯ ସଂକ୍ରମଣ୍ ଲାଗି ଇ ସମିଆଥି ୨ ଝନ୍‌କର୍ ଜୀବନ୍ ଯାଇଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ- ଅଙ୍ଗନବାଡ଼ି କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍ ଲୁଇସିଂହା ବ୍ଲକ୍‌ର ହୀରାପୁର୍ ସକ୍ଷମ୍ ଅଙ୍ଗନବାଡ଼ି କେନ୍ଦ୍ରକେ ଆଏଜ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ

ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗସ୍ତ କରିଥିଲେ । ସେଠାନେ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବା ଭିନ୍ ଭିନ୍ ସୁବିଧା ସୁଯୋଗ୍‌ର ଥିତି ସମୀକ୍ଷା କର୍‌ବାର୍ ସହେତେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

କୋର୍ଟକେ ବୋମା ଧମକ୍ ହି.ସ.

ସମ୍ବଲ୍‌ପୁର୍ ଆଉ ଅନୁଗୁଲ୍ ଜିଲ୍ଲା କୋର୍ଟକେ ଆଏଜ୍ ବୋମା ଧମକ୍ ମିଲ୍‌ବାର୍ ଉତ୍‌ରୁ କୋର୍ଟ ପରିସର୍ ନ ଯାଂଚ୍ ଆଉ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଥିଲା । କୋର୍ଟକେ ବୋମାଥି ଉଡ଼େଇଦେବାର୍ ବାବ୍‌ଦେ ଗୁଟେ ଧମକ୍ ପତ୍ର ଇ-ମେଲ୍ ଜରିଏ ଆସିଥିଲା । ଇତାର୍ ଆଧାର୍‌ଥି ପୁଲିସ୍ ଘଟ୍‌ନା ସ୍ଥଲ୍‌ଥି ପୁହୁଁଚିକରି ତଲାସୀ ମୁଲ୍ କରିଥିଲା । ବୋମା ନିଷ୍କ୍ରିୟକାରୀ ଦଲ୍, ଅନୁସନ୍ଧାନ୍‌କାରୀ ଆଉ ବହୁତ୍ ସଂଖ୍ୟାଥି ପୁଲିସ୍ ଫୋର୍ସ ଇ ତଲାସୀ ଅଭିଯାନ୍‌ଥି ସାମିଲ୍ ହେଇଥିଲେ ।

ମାଛ୍ ଚାଷ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବାୟୋଫ୍ଲକ୍ ମାଛ୍ ଚାଷ୍ ଆଉ ଆଧୁନିକ୍ ଚାଷ୍ ପଦ୍ଧତିକେ ପ୍ରୋତ୍ସାହନ୍ ଦେବାର୍ ଲକ୍ଷ୍ୟ ନେଇକରି ହିତାଧିକାରୀମାନ୍‌କୁ ସାହାଜ୍ ଟଙ୍କା ବଂଟା ଯାଇଛେ । ଜିଲ୍ଲା ମତ୍ସ୍ୟ ବିଭାଗ୍ ତର୍‌ଫୁ ଆର୍‌ଏମ୍‌ସି ସମ୍ମିଳନୀ କକ୍ଷ ନ ହେଇଥିବା ସମାରୋହଥି ମାଛ୍ ଚାଷୀ ଆଉ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ମାନ୍‌କର୍ ଭିତ୍‌ରେ ଆଧୁନିକ୍ ମାଛ୍ ଚାଷ୍, ସର୍‌କାରୀ ସାହାଜ୍ ଆଉ ରୋଜଗାର୍ ସୃଷ୍ଟିକେ ନେଇକରି ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଶା ବେହେରାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମାଛ୍ ଚାଷ୍ କ୍ଷେତ୍ରଥି ରହିଥିବା ସର୍‌କାରୀ ଯୋଜ୍‌ନା ଆଉ ତାର୍ ସୁଫଲ୍ ବାବ୍‌ଦେ ଆଲୋଚନା କରାଯାଇଛେ ।

ଅଭିଯୋଗ୍ ଶୁଣାଣି ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍ଥି ଶହେ ୩୮ ଟା ଅଭିଯୋଗ ଆସିଥିଲା ।

ବର୍ଗଡ୍ ଜିଲ୍ଲା ପାଇକ୍ମାନ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିର୍ଥି ୫୩ ଟା ଅଭିଯୋଗ୍ ଆସିଥିଲା ।

ଦେବ୍ଗଡ୍ ଜିଲ୍ଲା ବାର୍କୋଟ୍ ବ୍ଲକ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ହେଇଥିବା ଶିବିରଥି ୩୭ ଟା ଅଭିଯୋଗ ଆସିଥିଲା ।

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ଶହେ ୫୦ ଟା ଅଭିଯୋଗ ଆସିଥିବାର୍ ବେଲେ ୨୮ ଟାର୍ ତୁର୍ତି ସମାଧାନ୍ କରାଯାଇଥିଲା ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଚିଠା ନୀତି ଆର୍ଏନ୍ୟୁ/ କଟକ୍

ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ଚିଠା ନୀତି ଉପ୍‌ରେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ମତାମତ୍ ଆହ୍ୱାନ୍ କରାଯାଇଛେ । ଦେଶେ ସ୍ୱାସ୍ଥ୍ୟ ଗବେଷଣା ଇକୋ ସିଷ୍ଟମ୍‌କେ ବର୍‌କସ୍ କର୍‌ବାର୍ ଆଉ ଇତାକେ ନେଇକରି ଗୁଟେ ରଣନୈତିକ୍ ଢାଂଚା ତିଆର୍ କର୍‌ବାର୍ ଲକ୍ଷ୍ୟଥି ଇ ନୀତି ସହଯୋଗ୍ କର୍‌ବା । ଉଚ୍ଚ ଗୁଣବତା, ନୈତିକ୍ ଆଉ ଅଭିନବ ଗବେଷଣାକେ ପ୍ରୋତ୍ସାହନ୍ ଦେବାର୍ ଆଉ ଜାତୀୟ ଆର୍ ଆଧୁନିକ୍ ସ୍ୱାସ୍ଥ୍ୟସେବାକେ ପ୍ରାଥମିକତା ଦେବାର୍ ଇ ନୀତିର୍ ଉଦ୍ଦେଶ୍ୟ ଆଏ । ମତାମତ୍ ଦାଖଲ୍ କର୍‌ବାର୍ ସମିଆ ଆଏବା ୨୭ ତାରିଖ୍‌କେ ଧାରିଜ୍ କରାଯାଇଛେ ।

ବେଡ୍‌ମିଂଟନ୍, ଟେବୁଲ୍ ଟେନିସ୍ ଟୁର୍ଣ୍ଣାମେଂଟ/ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର୍ ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର୍ ବେଡ୍‌ମିଂଟନ୍ ହଲ୍ ନ ଭାରତୀୟ ଜୀବନ୍ ବୀମା ନିଗମ୍‌ର ୨ ଦିନିଆ ପୂର୍ବ-ମଧ୍ୟ-କ୍ଷେତ୍ରର୍ ଜୋନାଲ୍‌ସ୍ତରୀୟ ବେଡ୍‌ମିଂଟନ୍ ଆଉ ଟେବୁଲ୍

ଟେନିସ୍ ଟୁର୍ଣ୍ଣାମେଂଟ୍ ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଟୁର୍ଣ୍ଣାମେଂଟ୍‌ଥି ଓଡ଼ିଶା, ଝାର୍‌ଖଣ୍ଡ୍ ଆଉ ବିହାର୍‌ର ମୋଟ୍ ୧୧ ଟା ଡିଭିଜନ୍‌ର ପୁରୁଷ ଆଉ ମହିଳା ବର୍ଗର୍ ଖେଲାଲିମାନେ ଯୋଗ୍ ଦେଇଛନ୍ । ଇଥି ଶ୍ରେଷ୍ଠ ଭାବେ ବଛା ଯାଇଥିବା ଖେଲାଲିମାନେ ଆଏବା ସେପ୍ଟେମ୍ବର୍ ମାସେ ହାଇଦ୍ରାବାଦ୍ ନ ହେବାର୍‌କେ ଥିବା ସର୍ବଭାରତୀୟ ଟୁର୍ଣ୍ଣାମେଂଟ୍‌ଥି ଭାଗ୍ ନେବେ ବଲି ଭାରତୀୟ ଜୀବନ୍ ବୀମା ନିଗମ୍ ସମ୍ବଲ୍‌ପୁର୍ ଡିଭିଜନ୍‌ର କାର୍ମିକ ମେନେଜର୍ ସୁଶାନ୍ତ କୁମାର୍ ଦାଶ ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଇଲାକା ନ ଆଏବା ୨୦ ତାରିଖ୍‌ତକ୍ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଦକ୍ଷିଣ ପଶ୍ଚିମ ମୌସୁମୀ ରାଏଜେ ସକ୍ରିୟ ରହିଛେ । ଇ ବଛର୍ ମୌସୁମୀ ଥି ଜୁନ୍ ୧ ନୁ ଜୁଲାଇ ୧୩ ତାରିଖ୍‌ତକ୍ ରାଏଜେ ହାରାହାରି ୩ ଶହ ୪୮ ଦଶ୍‌ମିକ୍ ୨

ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ଯେନ୍‌ଟା ରାଜ୍ୟର୍ ସ୍ୱାଭାବିକ୍ ବର୍ଷାନୁ ୪ ପ୍ରତିଶତ୍ ଅଏତ୍‌କା ଆଏ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୧୦ ଦଶ୍‌ମିକ୍ ୫/୮ ଫୁଟ୍ ରହିଥିଲା । ଇ ସମିଆଥି ଗୁଟେ ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୪୩ ହଜାର୍ ୨୪ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨୬ ହଜାର୍ ୯ ଶହ ୭୫ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।